# NATIONAL NEWS BULLETIN (ODIA)

**11 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶକୁ ବିଭାଜିତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଶକ୍ତିଗୁଡ଼ିକୁ ଦୃଢ଼ତାର ସହ ସାମ୍ନା କରିବା ଲାଗି ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ଆଜି ଭାଇବ୍ରାଣ୍ଟ ଗୁଜୁରାଟ ଆଞ୍ଚଳିକ ସମ୍ମିଳନୀର ଉଦ୍‌ଘାଟନ କରିବେ ଶ୍ରୀ ମୋଦୀ ।

- ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲର ଆଜି ୫୬ତମ ସଂସ୍କରଣରେ ଯୋଗଦେଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ।

- ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କୁ ଜଣେ ଦୂରଦର୍ଶୀ ରାଜନେତା ବୋଲି ଅଭିହିତ କଲେ ଉପରାଷ୍ଟ୍ରପତି ।

- ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆରମ୍ଭ ହେଲା ବିଶ୍ୱ ପୁସ୍ତକ ମେଳାର ୫୩ତମ ସଂସ୍କରଣ ।

ଏବଂ

- ଭଦୋଦରାଠାରେ ଆଜିଠାରୁ ଆରମ୍ଭ ହେଲା ଭାରତ-ନ୍ୟୁଜିଲ୍ୟାଣ୍ଡ ପୁରୁଷ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ।

# ପିଏମ୍ ସୋମନାଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆମକୁ ବିଭାଜିତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଶକ୍ତିଗୁଡ଼ିକୁ ଦୃଢ଼ତାର ସହ ସାମ୍ନା କରିବାକୁ ପଡିବ ଏବଂ ଏକ ହୋଇ ସେଗୁଡ଼ିକୁ ପରାସ୍ତ କରିବାକୁ ହେବ । ଆଜି ଗୁଜୁରାଟରେ ସୋମନାଥ ସ୍ୱାଭିମାନ ପର୍ବ ସମାରୋହରେ ଏକ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ସୋମନାଥ ମନ୍ଦିରର ପୁନଃରୁଦ୍ଧାରକୁ ବିରୋଧ କରୁଥିବା ଶକ୍ତିଗୁଡ଼ିକ ଏବେ ଦେଶରେ ଉପସ୍ଥିତ ଅଛନ୍ତି ଓ ସକ୍ରିୟ ମଧ୍ୟ ରହିଛନ୍ତି । ସେ କହିଛନ୍ତି ଏଭଳି ଶକ୍ତି ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିବାରୁ ସମସ୍ତଙ୍କୁ ସତର୍କ ଏବଂ ଶକ୍ତିଶାଳୀ ହେବାକୁ ପଡିବ ।

**V/O (PM Somanath-1)**

ଶ୍ରୀ ମୋଦୀ କହିଛନ୍ତି ସୋମନାଥ ମନ୍ଦିର ପାଇଁ ସର୍ବସ୍ୱ ବଳିଦାନ ଦେଇଥିବା ଲୋକମାନଙ୍କୁ ଗୁରୁତ୍ୱ ଦିଆଯାଇନଥିଲା ଏବଂ କିଛି ନେତା ଓ ରାଜନେତା ଧାର୍ମିକ ଭାବରେ ଏହି ଆକ୍ରମଣକୁ ଯଥାର୍ଥ ପ୍ରମାଣିତ କରିବାକୁ ଚେଷ୍ଟା କରିଥିଲେ ।

**V/O (PM Somanath-2)**

# ପିଏମ୍-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜକୋଟ ଗସ୍ତରେ ଯାଇ ମାରୱାଡି ବିଶ୍ୱବିଦ୍ୟାଳୟଠାରେ ଭାଇବ୍ରାଣ୍ଟ ଗୁଜୁରାଟ ଆଞ୍ଚଳିକ ସମ୍ମିଳନୀର ଉଦ୍‌ଘାଟନ କରିବେ । କଚ୍ଛ ଓ ସ୍ୱରାଷ୍ଟ୍ର କ୍ଷେତ୍ର ପାଇଁ ଏହି ସମ୍ମିଳନୀ

ଆୟୋଜିତ ହେଉଛି । ୪ଟି ଭାଇବ୍ରାଣ୍ଟ ଗୁଜୁରାଟ ଆଞ୍ଚଳିକ ସମ୍ମିଳନୀ ମଧ୍ୟରୁ ଏହା ହେଉଛି ଦ୍ୱିତୀୟ ସମ୍ମିଳନୀ । ଗୁଜୁରାଟ ରାଜ୍ୟର ସ୍ୱରାଷ୍ଟ୍ର ଓ କଚ୍ଛ ଅନ୍ତର୍ଗତ ୧୨ଟି ପଶ୍ଚିମ ଜିଲ୍ଲାରେ ଏହି ସମ୍ମିଳନୀ ସିଧାସଳଖ ନିବେଶ ସୁଯୋଗ କ୍ଷେତ୍ରକୁ ଉନ୍ମୁକ୍ତ କରିବା ସହ ଶିଳ୍ପ ଅଭିବୃଦ୍ଧି ପାଇଁ ସହାୟକ ହେବ । ସଫଳ ଭାଇବ୍ରାଣ୍ଟ ଗୁଜୁରାଟ ମଡେଲକୁ ବିକେନ୍ଦ୍ରୀକରଣ କରିବା ପାଇଁ ଏହି ସମ୍ମିଳନୀ ପଥ ଉନ୍ମୁକ୍ତ କରୁଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହି ଦୁଇଦିନିଆ ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରରେ ୧୫ଶହରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଆମେରିକା, ଅଷ୍ଟ୍ରେଲିଆ ତଥା ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ର ସମେତ ୧୬ଟି ଦେଶର ୧୧୦ଜଣ ପ୍ରତିନିଧି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ବୈଷୟିକ, ବୟନଶିଳ୍ପ ଏବଂ କୃଷିଭଳି କ୍ଷେତ୍ରକୁ ସମ୍ମିଳନୀରେ ପ୍ରାଥମିକତା ପ୍ରଦାନ କରାଯିବ । ରାଜକୋଟକୁ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୧୪ଟି ନୂତନ ଗ୍ରୀନ୍‌ଫିଲ୍ଡ ସ୍ମାର୍ଟ ଶିଳ୍ପ ଇଷ୍ଟେଟ୍ ଏବଂ ଏକ ସ୍ୱତନ୍ତ୍ର ମେଡ଼ିକାଲ ଉପକରଣ ପାର୍କ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବେ । ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ସେକ୍ଟର '୧୦-ଏ'ରୁ ଗାନ୍ଧୀନଗର ମହାତ୍ମା ମନ୍ଦିର ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅହମ୍ମଦାବାଦ ମେଟ୍ରୋର ଅବଶିଷ୍ଟ ଅଂଶକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ମାଣ୍ଡବ୍ୟ-ସଣ୍ଡେଜ୍ ଅନ ସାଇକଲ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆଜି ସକାଳେ ନୂଆଦିଲ୍ଲୀରେ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲର ୫୬ତମ ସଂସ୍କରଣରେ ଅଂଶଗ୍ରହଣ କରିଥିଲେ । ବିକଶିତ ଭାରତ

ଯୁବନେତୃତ୍ୱ ସଂଳାପ ୨୦୨୬ରେ ଯୋଗଦେଇଥିବା ଯୁବନେତାମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ଭାରତୀୟ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍ ଏବଂ କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ ଏହି ସଣ୍ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଡକ୍ଟର ମାଣ୍ଡବ୍ୟ କହିଥିଲେ ଯେ ସାଇକଲ ଚାଳନା ସନ୍ତୁଳନ ଶିଖାଇଥାଏ, ଯାହା ନେତୃତ୍ୱ ପାଇଁ ଅତ୍ୟନ୍ତ ଆବଶ୍ୟକ । ଦେଶର ଅଭିବୃଦ୍ଧିକୁ ଆଗେଇନେବା କ୍ଷେତ୍ରରେ ସୁସ୍ଥ ଯୁବପିଢ଼ୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ମାଣ୍ଡବ୍ୟ କହିଥିଲେ ।

**V/O (Mansukh Mandaviya)**

ଗତବର୍ଷ ସଣ୍ଡେଜ୍ ଅନ୍ ସାଇକଲ ଅଭିଯାନ ଆରମ୍ଭ ହୋଇଥିବାବେଳେ ୨୪୦ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଚଳିତବର୍ଷ ୧୫ହଜାରରୁ ଅଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି । ପୁଲେଲା ଗୋପୀଚାନ୍ଦ ଏହି ପଦକ୍ଷେପକୁ ପ୍ରଶଂସା କରିଥିବାବେଳେ ଲିଆଣ୍ଡର ପେସ୍ ୫୫ଲକ୍ଷ ଯୁବକ ବିକଶିତ ଭାରତ ଯୁବନେତୃତ୍ୱ ସଂଳାପରେ ଅଂଶଗ୍ରହଣ କରିଥିବା କହିଥିଲେ ।

# ଭିପି-ଶାସ୍ତ୍ରୀ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପୁଣ୍ୟତିଥିରେ ଉପରାଷ୍ଟ୍ରପତି ଏନ୍‌କ୍ଲେଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଶ୍ରୀ ଶାସ୍ତ୍ରୀ ଜଣେ ଦୂରଦର୍ଶୀ ରାଜନେତା ଥିଲେ । ଯିଏ ନିଜର ସରଳତା, ସତ୍ୟନିଷ୍ଠା ଏବଂ ଦେଶପ୍ରତି ଅତୁଟ ସମର୍ପଣ ଭାବ ପ୍ରଦର୍ଶନ

କରିଥିଲେ । ଶ୍ରୀ ରାଧାକୃଷ୍ଣନ କହିଛନ୍ତି ସେ ଦେଇଥିବା ସ୍ଲୋଗାନ ଜୟ ଜବାନ-ଜୟ କିଶାନ ଦେଶର ପ୍ରତ୍ୟେକ ପିଢ଼ୀକୁ ସୈନିକ ଏବଂ କୃଷକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର ପ୍ରତୀକ ବହନ କରି ଆସୁଛି । ନିଃସ୍ୱାର୍ଥ ସେବା, ମାନବତା ଏବଂ ରାଷ୍ଟ୍ରୀୟ ଏକତା ସ୍ଥାପନ ଦିଗରେ ଶାସ୍ତ୍ରୀଜୀଙ୍କ ଆଦର୍ଶ ଦେଶପାଇଁ ପ୍ରେରଣାଦାୟୀ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

# ୱାର୍ଲ୍ଡ ବୁକ୍ ଫେୟାର

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ବିଶ୍ୱ ପୁସ୍ତକମେଳା ୨୦୨୬ର ୫୩ତମ ସଂସ୍କରଣ ଆରମ୍ଭ ହୋଇଛି । ଏଥିରେ ବିଶ୍ୱର ପ୍ରକାଶକ, ଲେଖକ, ପାଠକ ଓ ସାଂସ୍କୃତିକ ପ୍ରତିନିଧିମାନେ ଏକତ୍ର ହୋଇଛନ୍ତି । ସୂଚନା ଅନୁଯାୟୀ ଏହି ୯ ଦିନିଆ ପୁସ୍ତକମେଳାରେ ୩୫ରୁ ଅଧିକ ଦେଶରୁ ୧ହଜାରରୁ ଅଧିକ ପ୍ରକାଶକ ଯୋଗଦେବା ଆଶା କରାଯାଉଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଛନ୍ତି । ଚଳିତବର୍ଷ ବିଶ୍ୱ ପୁସ୍ତକ ମେଳାର ବିଷୟବସ୍ତୁ ରହିଛି 'ଭାରତୀୟ ସାମରିକ ଇତିହାସ-ଗର୍ବ ଓ ଗୌରବର ୭୫ବର୍ଷ' ।

# ପିଏମ୍ ପ୍ରଗତି ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ

ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି ।  ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ କିଭଳି ରେଳ ମନ୍ତ୍ରଣାଳୟର ଜବଲପୁର-ଗଁଦିଆ ଗଜ୍ ରୂପାନ୍ତର ପ୍ରକଳ୍ପ ସଫଳତାରେ ପରିଣତ ହୋଇଥିଲା ।

୨୮୫ କିଲୋମିଟର ଦୀର୍ଘ ଜବଲପୁର-ଗଁଦିଆ ଗଜ୍ ରୂପାନ୍ତର ପ୍ରକଳ୍ପ ପାଇଁ ୧ ହଜାର ୯୯୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହି ପ୍ରକଳ୍ପରେ ବାଲାଘାଟ-କଟାଙ୍ଗୀ ସେକ୍ସନ ସମେତ ନ୍ୟାରୋଗେଜ୍‌କୁ ବ୍ରଡ୍‌ଗେଜ୍‌ରେ ପରିବର୍ତ୍ତନ କରାଯାଇଥିଲା ।

ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟ ଦେଇ ଯାଇଥିବା ଏହି ପ୍ରକଳ୍ପ କୃଷି ଉତ୍ପାଦନ, ଜଙ୍ଗଲ ଭିତ୍ତିକ କାର୍ଯ୍ୟକଳାପ ଏବଂ ଖଣିଜ ପରିବହନ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ୨୦୧୬ରେ ପ୍ରକଳ୍ପ ସମୀକ୍ଷା ସମୟରେ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଜମି ହସ୍ତାନ୍ତର ଏବଂ ଅନ୍ୟାନ୍ୟ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ପରିବେଶ ଏବଂ ଜମି ସମ୍ବନ୍ଧୀୟ ପ୍ରତିବନ୍ଧକଗୁଡ଼ିକର ସମାଧାନ ସହ ୨୦୨୧ ମାର୍ଚ୍ଚରେ ଜବଲପୁର-ଗଁଦିଆ ବ୍ରଡ୍‌ଗେଜ୍ କରିଡର କାର୍ଯ୍ୟକ୍ଷମ ହୋଇଥିଲା ।

# ଅମିତ ଶାହା-କେରଳ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ବିଜେପି ବିକଶିତ କେରଳ ନିର୍ମାଣ ପାଇଁ କାର୍ଯ୍ୟ କରୁଛି ଏବଂ ସେହି ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ଲକ୍ଷ୍ୟ ରଖିଛି । ଆଜି ଥିରୁଅନନ୍ତପୁରମରେ ନିର୍ବାଚିତ ବିଜେପି ସଦସ୍ୟମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ବିକଶିତ ଭାରତର ରାସ୍ତା

ବିକଶିତ କେରଳ ଦ୍ୱାରା ହିଁ ସମ୍ଭବ । ସେ କହିଛନ୍ତି ବିଶ୍ୱରେ କମ୍ୟୁନିଷ୍ଟ ଦଳ ଆଉ ନାହିଁ ଏବଂ ଭାରତରେ କଂଗ୍ରେସର ଶାସନ ଶେଷ ହେବାକୁ ଯାଉଛି ।

## ଇଣ୍ଡିଆ-ନ୍ୟୁଜିଲ୍ୟାଣ୍ଡ ଓଡିଆଇ

ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ସିରିଜ୍ର ପ୍ରଥମ ମ୍ୟାଚ୍  ଗୁଜରାଟର ଭଦୋଦରାରେ ଆରମ୍ଭ ହୋଇଛି । ଭାରତ ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତିତ କରିଛି । ଆମର ହସ୍ତଗତ ହୋଇଥିବା ଖବର ଅନୁଯାଇ ନ୍ୟୁଜିଲାଣ୍ଡ ୫ ଓଭରରେ କୌଣସି ୱିକେଟ୍ ନ ହରାଇ ୧୭ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍ରେ ୱିକେଟ୍ କିପର ତଥା ବ୍ୟାଟ୍ସମ୍ୟାନ୍ ରିଷଭ ପନ୍ତ ଆଘାତ ଯୋଗୁଁ ଏହି ସିରିଜ୍ରୁ ବାଦ୍ ପଡ଼ିଛନ୍ତି। ଟି-୨୦ ବିଶ୍ୱକପ୍ରେ ଦଳରୁ ବାଦ୍ ପଡ଼ିବା ପରେ ୨୫ ବର୍ଷୀୟ ଶୁଭମନ ଗିଲ୍ ଏହି ଏକଦିବସୀୟ ସିରିଜ୍ରେ ଭାରତର ଅଧିନାୟକ ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

ସିରିଜ୍ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ରାଜକୋଟର ନିରଞ୍ଜନ ଶାହା ଷ୍ଟାଡିୟମ୍ ଏବଂ ତୃତୀୟ ମ୍ୟାଚ୍ ୧୮ ତାରିଖରେ ଇନ୍ଦୋର୍ର ହୋଲ୍କର ଷ୍ଟାଡିୟମରେ ଅନୁଷ୍ଠିତ ହେବ ।